# NATIONAL NEWS BULLETIN (ODIA)

## 25 December - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସରକାରୀ ଯୋଜନାର ପରିପୂର୍ଣ୍ଣତା ସରକାରଙ୍କର ମୂଳମନ୍ତ୍ର ଏବଂ ନାଗରିକମାନେ ଏହାର ସୁଫଳ ପାଉଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।

– ଲକ୍ଷ୍ମୌଠାରେ ରାଷ୍ଟ୍ର ପ୍ରେରଣା ସ୍ଥଳକୁ କଲେ ଲୋକାର୍ପଣ ।

- ମାଓବାଦ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓଡ଼ିଶା, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ ଦୁଇଦିନିଆ ଆତଙ୍କବାଦ ବିରୋଧୀ ସମ୍ମିଳନୀ ।
- ବାଂଲାଦେଶରେ ଆଗାମୀ ନିର୍ବାଚନରେ ଆୱାମି ଲିଗ୍ ଅଂଶଗ୍ରହଣ କରିପାରିବ ନାହିଁ ।

ଏବଂ

- ଖ୍ରୀଷ୍ଟପର୍ବ ପାଳନ ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଉଦ୍ଦେଶ୍ୟରେ ପ୍ରଥମ ବାର୍ତ୍ତା ଦେଲେ ପୋପ୍‌ଲିଓ ।

# ପିଏମ୍-ଲକ୍ଷ୍ନୌ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୧ ବର୍ଷ ଧରି ତାଙ୍କ ସରକାର ପ୍ରତ୍ୟେକ ନାଗରିକଙ୍କ ଉନ୍ନତି ପାଇଁ କଠିନ ପରିଶ୍ରମ କରୁଛନ୍ତି ଏବଂ ସେମାନଙ୍କୁ କୌଣସି ଭେଦଭାବ ବିନା ଯୋଜନାର ସମସ୍ତ ପ୍ରକାର ଲାଭ ପ୍ରଦାନ କରୁଛି । ଯାହା ପ୍ରକୃତ ଶାସନ ଓ ପ୍ରକୃତ ନିରପେକ୍ଷତା ।

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ ସ୍ୱାଧୀନ ଭାରତର ଜନନାୟକମାନଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦ୍‌ଘାଟନ କରିଛନ୍ତି । ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାରୀ ଯୋଜନାର ପରିପୂର୍ଣ୍ଣତା ତାଙ୍କ ସରକାରଙ୍କ ମୂଳମନ୍ତ୍ର ଏବଂ ଏବେ କୋଟି କୋଟି ଗରିବ ନାଗରିକ ଏହାର ଲାଭ ପାଉଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମରଣ କରି କହିଛନ୍ତି, ସେ ଅନେକ ପଦକ୍ଷେପ ନେଇଥିଲେ, ଯାହା ଦେଶର ବିକାଶ ପରିସ୍ଥିତିକୁ ପରିବର୍ତ୍ତନ କରିଥିଲା । ବିଶେଷ ଭାବେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୦୦ ମସିହା ପରେ ଏହି ଯୋଜନା ଅଧୀନରେ ୮ ଲକ୍ଷ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ କେବଳ ୧୧ ବର୍ଷ ମଧ୍ୟରେ ୪ ଲକ୍ଷ କିଲୋମିଟର ନିର୍ମାଣ ହୋଇଛି ।V/O

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ କ୍ୟାବିନେଟ୍‌ର ଅନ୍ୟାନ୍ୟ ବରିଷ୍ଠ ମନ୍ତ୍ରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଏବଂ ସ୍ଥାନୀୟ ସାଂସଦ ରାଜନାଥ ସିଂହ କହିଥିଲେ, ଅଟଳ ଜୀ ସଂସ୍କୃତି, ସମାଜ ଏବଂ ରାଜନୀତିରେ ଅନେକ ଅବଦାନ ରଖିଛନ୍ତି ।

ରାଷ୍ଟ୍ର ପ୍ରେରଣା ସ୍ଥଳକୁ ଏକ ଐତିହାସିକ ଜାତୀୟ ସ୍ମାରକୀ ଏବଂ ସ୍ଥାୟୀ ଜାତୀୟ ମହତ୍ୱର ପ୍ରେରଣାଦାୟକ ସଂକଳନ ଭାବେ ବିକଶିତ କରାଯାଇଥିବା ନେଇ ଆମ ଲକ୍ଷ୍ନୌ ସମ୍ବାଦଦାତା ଜଣାଇଛନ୍ତି । ୬୫ ଏକର ପରିବ୍ୟାପ୍ତ ଏହି ସ୍ଥଳୀ ନିର୍ମାଣ ପାଇଁ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ନେତୃତ୍ୱ, ମୂଲ୍ୟବୋଧ, ଜାତୀୟ ସେବା, ସାଂସ୍କୃତିକ ଚେତନା  ଓ ସାର୍ବଜନୀନ ପ୍ରେରଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ସ୍ଥଳୀକୁ ଏକ ଜାତୀୟ ସମ୍ପତ୍ତି ଭାବେ  ଉତ୍ସର୍ଗ କରାଯିବ । ଏହି ସ୍ଥଳୀରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚତାର ବ୍ରୋଞ୍ଜ ପ୍ରତିମୂର୍ତ୍ତି ରହିଛି । ପ୍ରାୟ ୯୮ ହଜାର ବର୍ଗଫୁଟ ଅଞ୍ଚଳରେ ପଦ୍ମ ଆକୃତିରେ ଗଠନ କରାଯାଇଥିବା ଏହି ସ୍ଥଳୀରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ରହିଛି । ଦେଶର ଯାତ୍ରା ଏବଂ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ ଅବଦାନକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସେଠାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହିଛି ।

## ଶାହା-ଓଡ଼ିଶା ନକ୍ସଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଓଡ଼ିଶା ସମ୍ପୂର୍ଣ୍ଣ ମାଓବାଦ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତକୁ ମାଓବାଦୀ ମୁକ୍ତ କରିବା ଦିଗରେ ହାସଲ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି, ଓଡ଼ିଶାର କନ୍ଧମାଳରେ ଏକ ବଡ଼ ଅପରେସନ୍‌ରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉୖକେଙ୍କ ସମେତ ୬ ଜଣ ମାଓବାଦୀଙ୍କୁ ଏ ପର୍ଯ୍ୟନ୍ତ ନିଷ୍କ୍ରିୟ କରାଯାଇଛି । ସରକାର ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଦେଶରୁ ମାଓବାଦ ଦୂର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

## ଶାହା-ଆଣ୍ଟି ଟେରୋର୍ କନ୍‌ଫରେନ୍ସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ନୂଆଦିଲ୍ଲୀରେ ଆତଙ୍କବାଦ ବିରୋଧୀ ସମ୍ମିଳନୀର ଉଦ୍‌ଘାଟନ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହି ଦୁଇଦିନିଆ ସମ୍ମିଳନୀ ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଥିବା ଏବଂ ଆତଙ୍କବାଦରୁ ସୃଷ୍ଟ ବିପଦ ଉପରେ ଆଲୋଚନା ପାଇଁ ଆତଙ୍କବାଦ ଦମନ କ୍ଷେତ୍ରରେ ନିୟୋଜିତ ବାହିନୀ, ବୈଷୟିକ ଆଇନ୍‌ଗତ ଏବଂ ଫରେନ୍‌ସିକ୍ ବିଶେଷଜ୍ଞଙ୍କ ପାଇଁ ଏକ ବୈଠକ । ଆତଙ୍କବାଦର ବିପଦ ବିରୁଦ୍ଧରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ଆନୁଷ୍ଠାନିକ ଏବଂ ଅନୌପଚାରିକ ଚ୍ୟାନେଲ୍ ସ୍ଥାପନ କରି ବିଭିନ୍ନ

ଅଂଶିଦାରଙ୍କ ମଧ୍ୟରେ ସମନ୍ୱୟ ବିକଶିତ କରିବା ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ରହିଛି ବୋଲି ମନ୍ତ୍ରଣାଳୟ କହିଛି । ସମ୍ମିଳନୀରେ ବିଦେଶୀ କ୍ଷେତ୍ରରୁ ପ୍ରମାଣ ସଂଗ୍ରହ, ଆତଙ୍କବାଦ ବିରୋଧି ତଦନ୍ତରେ ଡିଜିଟାଲ୍ ଫରେନ୍‌ସିକ୍ ଏବଂ ତଥ୍ୟ ବିଶ୍ଲେଷଣ, ଜାତୀୟ ସୁରକ୍ଷା ପ୍ରତି ଉଦୀୟମାନ ବିଭିନ୍ନ ବିପଦ ଇତ୍ୟାଦି ଉପରେ ଅଧିବେଶନରେ ଆଲୋଚନା ହେବ । ଜାତୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଏହି ଦୁଇଦିନିଆ ସମ୍ମିଳନୀ ଆୟୋଜନ କରାଯାଉଛି ।

## ଏମ୍‌ପି-ଅମିତ ଶାହା

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ବାର୍ଷିକୀ ଅବସରରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବଙ୍କ ଉପସ୍ଥିତିରେ ଗୋଆଲିୟର୍‌ରେ ଅଭ୍ୟୁଦୟ ମଧ୍ୟପ୍ରଦେଶ ଅଭିବୃଦ୍ଧି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଶିଖର ସମ୍ମିଳନୀ ଅବସରରେ ୨ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନିବେଶ ପ୍ରସ୍ତାବର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ନିଯୁକ୍ତି ଏବଂ ନୂତନ ଆୟ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ସମ୍ମିଳନୀ ଶିଳ୍ପ, ଏମ୍.ଏସ୍.ଏମ୍.ଇ., ଷ୍ଟାର୍ଟଅପ୍, ଲଜିଷ୍ଟିକ୍ସ, ପର୍ଯ୍ୟଟନ ଏବଂ ସହରାଞ୍ଚଳ ଭିତ୍ତିଭୂମି ଭଳି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ

କେନ୍ଦ୍ରୀତ କରୁଛି । କାର୍ଯ୍ୟକ୍ରମ ସମୟରେ ଶିଳ୍ପ ୟୁନିଟ୍ ଗୁଡ଼ିକୁ ପ୍ରୋତ୍ସାହନ ସ୍ୱରୂପ ୭୨୫ କୋଟି ଟଙ୍କା ହସ୍ତାନ୍ତର କରାଯାଇଥିଲା । ଏବଂ ପ୍ରଶାସନିକ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ଇ-ଜିରୋ ଏଫ୍.ଆଇ.ଆର୍. ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା । ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦେଶ ପ୍ରତି ଅବଦାନକୁ ମନେ ପକାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ପୁନଃ ନିର୍ମିତ ଅଟଳ ସଂଗ୍ରହାଳୟକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

## ରାଷ୍ଟ୍ରୀୟ ବାଲ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀର ବୀର୍ ବାଲ୍ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୦ଜଣ ଶିଶୁଙ୍କୁ ସେମାନଙ୍କ ସାହସ, କ୍ରୀଡ଼ା ଏବଂ ସାମାଜିକ ସେବା ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବୀର୍‌ବାଲ ଦିବସ ଅବସରରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସମ୍ବୋଧନ କରିବେ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନିଃସ୍ୱାର୍ଥପର ସେବା, ସାହସ ଏବଂ ଦୃଢ଼ତା ସମ୍ବଳିତ ଘଟଣା ସମ୍ପର୍କରେ ଉପସ୍ଥାପନ କରାଯିବ । କାର୍ଯ୍ୟକ୍ରମରେ ଦେଶର ସାଂସ୍କୃତିକ ବିବିଧତା ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି ।

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଳନ କରାଯିବା ପଛରେ ଥିବା ଉଦ୍ଦେଶ୍ୟ ହେଉଛି – ପ୍ରତିଭା ସମ୍ପନ୍ନ ଏବଂ ଅସାଧାରଣ ସାହସ ଦେଖାଇଥିବା ପିଲାମାନଙ୍କୁ ଚିହ୍ନିତ କରିବା ଏବଂ ସମ୍ମାନିତ କରିବା । ସେମାନେ ଭବିଷ୍ୟତର ନିର୍ମାତା ଏବଂ ସେମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଜାଗ୍ରତ କରିବା ପାଇଁ ଏହା ଏକ ପ୍ରଚେଷ୍ଟା ବୋଲି ଏହି ପୁରସ୍କାର ପିଲାମାନଙ୍କୁ ବାର୍ତ୍ତା ଦିଏ ।

# ଜିତେନ୍ଦ୍ର-ଗୁଡ୍ ଗଭର୍ଣ୍ଣାନ୍ସ

କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ସୁଶାସନ ଏକ ଆଦର୍ଶ ନୁହେଁ ବରଂ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନାଗରିକ କୈନ୍ଦ୍ରିକ ପ୍ରଦାନରେ ଏକ ଦୈନନ୍ଦିନ ପ୍ରଶାସନିକ ଦାୟିତ୍ୱ । ନୂଆଦିଲ୍ଲୀରେ ସୁଶାସନ ଦିବସ ଅବସରରେ ଆୟୋଜିତ ଜାତୀୟ କର୍ମଶାଳାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ମନ୍ତ୍ରଣାଳୟ ଏବଂ ବିଭାଗ ମଧ୍ୟରେ ସହଯୋଗମୂଳକ ପ୍ରୟାସ ପ୍ରଶାସନିକ ଦକ୍ଷତାକୁ ସୁଦୃଢ଼ କରିଛି । କାର୍ଯ୍ୟକ୍ରମରେ ଡକ୍ଟର ସିଂହ ୫ଟି ପ୍ରମୁଖ ପଦକ୍ଷେପର ଆରମ୍ଭ କରିଥିଲେ । ସେଗୁଡ଼ିକ ମଧ୍ୟରେ – କେନ୍ଦ୍ର ସରକାରଙ୍କ ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷଣ ଉପରେ ନିର୍ଦ୍ଦେଶାବଳୀର ସଂକଳନ, ଏ.ଆଇ. ଚାଳିତ ନିଯୁକ୍ତି ନିୟମ ଉପକରଣ । କର୍ମଯୋଗୀ ଡିଜିଟାଲ୍ ଲର୍ଣ୍ଣିଂ ଲ୍ୟାବ୍ ଟୁ ପଏଣ୍ଟ ଓ ଅନ୍ତର୍ଭୁକ୍ତ ।

# ବାଂଲାଦେଶ ପୁଲ୍ସ

ବାଂଲାଦେଶରେ ଆସନ୍ତା ଫେବୃୟାରୀ ୧୨ ତାରିଖରେ ହେବାକୁ ଥିବା ପରବର୍ତ୍ତି ଜାତୀୟ ନିର୍ବାଚନରେ ଆୱାମି ଲିଗ୍ ଦଳ ଅଂଶଗ୍ରହଣ କରିପାରିବ ନାହିଁ ବୋଲି ସେଠାକାର ମଧ୍ୟମବର୍ତ୍ତିକାଳୀନ ସରକାର ଦୃଢ଼ୋକ୍ତି ପ୍ରକାଶ କରି କହିଛି । ଆୱାମି ଲିଗ୍‌ର କାର୍ଯ୍ୟକଳାପକୁ ସ୍ଥଗିତ ଏବଂ ପଞ୍ଜୀକରଣ ରଦ୍ଦ କରାଯାଇଥିବା ଦର୍ଶାଇ ମଧ୍ୟବର୍ତ୍ତିକାଳୀନ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସେଠାକାର ମୁଖ୍ୟ ପରାମର୍ଶଦାତାଙ୍କ ପ୍ରେସ୍ ସଚିବ ସଫିକୁଲ୍ ଆଲାମ୍ କହିଛନ୍ତି, ଆୱାମି ଲିଗ୍ ଉପରେ ସରକାରଙ୍କର ସ୍ଥିତି ସ୍ପଷ୍ଟ, ଏହାର ରାଜନୈତିକ  କାର୍ଯ୍ୟକଳାପ ନିଷିଦ୍ଧ ରହିଛି ଓ ଏକ ରାଜନୈତିକ ଦଳ ଭାବେ ଏହାର ପଞ୍ଜିକରଣ ସ୍ଥଗିତ ରଖାଯାଇଛି ।

ଆଲାମ୍ ଗତକାଲି ଢାକାର ବୈଦେଶିକ ସେବା ଏକାଡେମୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ମନ୍ତବ୍ୟ ଦେଇଥିଲେ । ସେଠାରେ ୫ ଜଣ ଆମେରିକୀୟ ସାଂସଦଙ୍କ ପକ୍ଷରୁ ଏ ନେଇ ଚିନ୍ତା ପ୍ରକଟ କରାଯିବା ସହ ଏକ ରାଜନୈତିକ ଦଳକୁ ନିଷିଦ୍ଧ କରିବା ଦ୍ୱାରା ଭୋଟରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭୋଟ୍ ଦାନ ଅଧିକାରରୁ ବଞ୍ଚିତ ହୋଇପାରେ ।ଆନ୍ତର୍ଜାତିକ ଚିନ୍ତା ସତ୍ତ୍ୱେ ମଧ୍ୟବର୍ତ୍ତିକାଳୀନ ସରକାର ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି ।

# ପୋପ୍‌ଲିଓ-କ୍ରିସ୍‌ମାସ୍

ବିଶ୍ୱ ବ୍ୟାପି ଆଜି ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟ ପର୍ବ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଏକତ୍ରିତ ହୋଇ ପ୍ରାର୍ଥନା କରୁଛନ୍ତି ।

ପୋପ୍‌ଲିଓ ଆଜି ତାଙ୍କର ପ୍ରଥମ ଖ୍ରୀଷ୍ଟମାସ ବାର୍ତ୍ତାରେ ଗାଜାରେ ପାଲେଷ୍ଟାଇନ୍‌ମାନଙ୍କ ପରିସ୍ଥିତିକୁ ନିନ୍ଦା କରିଛନ୍ତି । ଚଳିତ ବର୍ଷ ମେ ମାସରେ ନିର୍ବାଚିତ ହୋଇଥିବା ପ୍ରଥମ ଆମେରିକୀୟ ପୋପ୍‌ଲିଓ କହିଛନ୍ତି, ଯୀଶୁ ଏକ ଘୋଡ଼ାଶାଳରେ ଜନ୍ମଗ୍ରହଣ କରିଥିବା ଦର୍ଶାଏ, ପରମେଶ୍ୱର ଏକ ଦୁର୍ବଳ ଏବଂ ଅସ୍ଥାୟୀ ସ୍ଥାନରେ ଲୋକଙ୍କ ମଧ୍ୟରେ ରହିବାକୁ ପସନ୍ଦ କରିଛନ୍ତି । ସେ କହିଛନ୍ତି, ଏହା ଆମକୁ ଗାଜାର ତମ୍ବୁ ବିଷୟରେ ମଧ୍ୟ ଚିନ୍ତା କରିବାକୁ ବାଧ୍ୟ କରିବା ଉଚିତ୍, ଯେଉଁଠାରେ ଲୋକମାନେ ପ୍ରତୀକୂଳ ପାଗରେ ଅନେକ କଷ୍ଟ ପାଉଛନ୍ତି । ଦୁଇ ବର୍ଷର ବୋମାମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇସ୍ରାଏଲ୍ ଏବଂ ହମାସ ଅକ୍ଟୋବରରେ ଏକ ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲେ କିନ୍ତୁ ମନବୀୟ ଅଧିକାର ସଂଗଠନ ଗୁଡ଼ିକ କହିଛନ୍ତି, ଗାଜାରେ ଏ ପର୍ଯ୍ୟନ୍ତ ବହୁତ କମ୍ ସହାୟତା ପହଞ୍ଚିଛି, ଯେଉଁଠାରେ ସମଗ୍ର ଜନସଂଖ୍ୟା ବାସହୀନ ।